# Akashvani, Sambalpur

# SAMBALPURI NEWS MORNING BULLETIN

# 25 April 2026 - 6.47- 6.52 am.

---

ବିଧାନ୍‌ସଭାର୍ ଖାସ୍ ଅଧିବେଶନ		ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ବିଧାନ୍‌ସଭାର୍ ଖାସ୍ ଅଧିବେଶନ୍ ଇ ମାସ ୩୦ ତାରିଖ୍ ଦିନ ହେବା । ଗୁଟେ ଦିନ୍ ଲାଗି ବସ୍‌ବାର୍‌କେ ଥିବା ଅଧିବେଶନ୍ ସଖାଲର୍ ୧୧ ବଜେନୁ ମୁଲ୍ ହେବା । ଇଥିର୍‌ଲାଗି ବିଧାନ୍‌ସଭା ସଚିବାଳୟ ତର୍‌ଫୁ ବିଜ୍ଞପ୍ତି ଜାରି କରାଯାଇଛେ । ଅଧିବେଶନ୍‌ଥି ଦେଶର୍ ଗଣତନ୍ତ୍ରଥି ମହିଳାମାନ୍‌କର୍ ଯୋଗ୍‌ଦାନ୍ ଉପ୍‌ରେ ଆଲୋଚନା ହେବା ବଲି ବିଜ୍ଞପ୍ତିଥି କୁହାଯାଇଛେ ।

ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ		ଆଇ ଆଣ୍ଡ୍ ପି.ଆର୍

ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ୍ ଅବ୍‌ସରେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ କନ୍‌ଭେନ୍‌ସନ୍

ସେଂଟର୍ ଠାନେ ହେବାର୍‌କେ ଥିବା ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ରାଜ୍ୟ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ ବିଭାଗ୍ ତର୍‌ଫୁ ହେବାର୍‌କେ ଥିବା ସମାରୋହଥି ମୁଖ୍ୟମନ୍ତ୍ରୀ ୭୬ ଟା ନୂଆଁ ପ୍ରାଣୀ ଚକିତ୍ସାଳୟ, ୧୨ ଟା ମତ୍ସ୍ୟସମ୍ପଦ୍ ଭିତିଭୂମିର୍ ପ୍ରକଳ୍ପ ଉଦ୍‌ଘାଟନ୍ କର୍‌ବାର୍ ସହେତେ ୨ ଶହ ୧୯ ଟା ନୂଆଁ ପ୍ରାଣୀସମ୍ପଦ୍ ଭିତିଭୂମି ପ୍ରକଳ୍ପ ଲାଗି ବୁଝାମଣା ପତ୍ର ସ୍ୱାକ୍ଷର୍ କର୍‌ବେ । ଇ ଅବ୍‌ସରେ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଭିଲ୍ ଉପସ୍ଥିତ୍ ରହେବେ ।

ମୁଖ୍ୟମନ୍ତ୍ରୀ-ବଲାଙ୍ଗିର୍ ଆଇ ଆଣ୍ଡ୍ ପି.ଆର୍

ପଂଚାୟତିରାଜ୍ ବ୍ୟବସ୍ଥା ଗ୍ରାମୀଣ୍ ଲୋକତନ୍ତ୍ରର୍ ମୁଳ ଶକ୍ତି ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବଲାଙ୍ଗିର୍ ଠାନେ ହେଇଥିବା ରାଜ୍ୟସ୍ତରୀୟ ଜାତୀୟ ପଂଚାୟତିରାଜ୍ ଦିବସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଜିଲ୍ଲା ଲାଗି ୫ ଶହ ୮୦ କୋଟି ଟଙ୍କା ଖର୍ଚ୍ଚାଥି ୩ ଶହ ୪ ଟା ଉନ୍ନୟନ୍ ପ୍ରକଳ୍ପର୍ ଶୁଭାରମ୍ଭ କରିଛନ୍ । ଭୀମଭୋଇ ମେଡ଼ିକାଲ୍ କଲେଜ୍ ନ ଗୁଟେ ନୂଆଁ ନର୍ସିଂ

କଲେଜ୍ ଲାଗି ଭିଲ୍ ଶିଳାନ୍ୟାସ୍ କରାଯାଇଛେ । ବଲାଙ୍ଗିର୍ ନ ଚିନିକଲ ଆଉ ଟେକ୍ସଟାଇଲ୍ ପାର୍କ ଥାପ୍ନା କର୍ବାର୍କେ ମୁଖ୍ୟମନ୍ତ୍ରୀ ଇ ଅବ୍ସରେ ଘୋଷ୍ନା କରିଛନ୍ । ଇତାର୍ସହେତେ ଅନ୍ତ୍ୟୋଦୟ ଗୃହ ଯୋଜ୍ନାଥି ୫୦ ହଜାର୍ନୁ ଅଏତ୍କା ହିତାଧିକାରୀମାନ୍କୁ କାର୍ଯ୍ୟାଦେଶ୍ ଆଉ ୨ ଶହ କୋଟି ଟଙ୍କାର୍ ପହେଲା କିସ୍ତି ବଂଟାଯାଇଛେ ।

ମନ୍ କି ବାତ୍ ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ଶହେ ୩୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଆକାଶ୍ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍

ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ରିଭିଜନାଲ୍ କୋର୍ଟ          ଆଇ ଆଣ୍ଡ୍ ପି.ଆର୍

ରାଜସ୍ୱ ପର୍ସଦ୍ ଅନ୍ତର୍ଗତ ସବୁ ରିଭିଜନାଲ୍ କୋର୍ଟରେ କାମ୍‌କେ ନେଇକରି କଟକ୍ ଠାନେ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ପର୍ସଦ୍ ସଦସ୍ୟ ସତ୍ୟବ୍ରତ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ୪୧ ଟା ରିଭିଜନାଲ୍ କୋର୍ଟର ଅଧ୍ୟକ୍ଷ ମାନେ ଯୋଗ୍ ଦେଇଥିଲେ । ରାଏଜେ ପାଖାପାଖି ୭୬ ହଜାର୍ ବିଚାରାଧୀନ୍ ମାମ୍‌ଲାର୍ ତୁର୍‌ତି ଶୁଣାଣି ଆଉ ଜଲ୍‌ଦି ଫଇସଲା ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ହପ୍ତାକ ଅତିକମ୍‌ରେ ୩ ଦିନ୍ ନିୟମିତ୍ କୋର୍ଟ କର୍‌ବାର୍‌କେ ସବୁ ଅଧ୍ୟକ୍ଷ ମାନ୍‌କୁ କୁହାଯାଇଛେ । ବୈଠକ୍‌ଥି ମହାପ୍ରଭୁ ଶ୍ରୀଜଗନ୍ନାଥ୍ ଆଉ ଶ୍ରୀଲିଙ୍ଗରାଜଙ୍କର୍ ଜମିଜମା ସମସ୍ୟା ବାବଦ୍ ମାମ୍‌ଲାମାନ୍‌କୁ ପ୍ରାଥମିକତା ଦିଆଯିବାର୍‌କେ ନିଷ୍ପତି ନିଆଯାଇଛେ ।

ରବି ଧାନ୍ ଘିନା କମିଟି ବୈଠକ          କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାପାଲ୍ ପାୱାର୍ ସଚିନ୍ ପ୍ରକାଶ୍‌ଙ୍କର୍ ଅଧ୍ୟକ୍ଷତାଥି ଭବାନୀପାଟ୍‌ନା ଠାନେ ଜିଲ୍ଲାସ୍ତରୀୟ ରବି ଧାନ୍ ଘିନା କମିଟି ବୈଠକ୍ ଗଲାକାଏଲ୍ ହେଇଯାଇଛେ । ଆଏବା ମେ ୨୦ ତାରିଖ୍‌ନୁ ଜିଲ୍ଲା ନ ରବି ଧାନ୍ ଘିନା ମୁଲ୍ କର୍‌ବାର୍‌କେ ବୈଠକ୍‌ଥି ନିଷ୍ପତି ନିଆଯାଇଛେ । ଚଲ୍‌ତି ବଛ୍‌ରେ ରବି ଧାନ୍ ବିକ୍‌ବାର୍ ଲାଗି ୫୬ ହଜାର୍ ୬ ଶହ ୩୯ ଝନ୍ ଚାଷୀ ନାଁ ପଞ୍ଜିକରଣ୍ କରିଛନ୍ । ଇଥର ଜିଲ୍ଲା ନ ୯୩ ଟା ଧାନ୍ ଘିନା କେନ୍ଦ୍ର ଜରିଏ ଧାନ୍ ଘିନାଯିବା ।

ବିଶ୍ୱ ମେଲେରିଆ ଦିବସ୍       ଆର୍‌ଏନ୍‌ୟୁ ସମ୍ବଲପୁର୍

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ମେଲେରିଆକେ ଆଏତ୍ ଆର୍ ଦୂର୍ କର୍‌ବାର୍ ଲାଗି ୨୦୦୮ ମସିହାନୁ ଫି ବଛର୍ ଆଝିର୍ ଦିନ୍‌କେ ବିଶ୍ୱ ମେଲେରିଆ ଦିବସ୍ ଭାବେ ପାଲନ୍ କରାଯାଉଛେ । ଲୁକଙ୍କର୍ ଭିତ୍‌ରେ ମେଲେରିଆ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍‌ଟା ଇ

ଦିବସ୍ ପାଲନ୍‌ର ଲକ୍ଷ୍ୟ ଆଏ । ମେଲେରିଆ ଦିବସ୍‌ର ଇ ବଛ୍‌ରର୍ ବାର୍ତା ରହିଛେ 'ମେଲେରିଆକେ ପୁରାପୁରି ହଟାବାର୍ ଲାଗି ଆମେ ପ୍ରତିବଦ୍ଧ- ଆମେ କରିପାର୍‌ମା, ଇହାଦେ ଆମ୍‌କେ ହିଁ କର୍‌ବାର୍‌କେ ହେବା' । ଇ ବିଷେକେ ନେଇକରି ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ ହଉଛେ । ମେଲେରିଆ ନିରାକରଣ ଲାଗି କାର୍ଯ୍ୟକ୍ରମ୍ - ଦମନ୍‌ର ପରିକଳ୍ପନା କରାଯାଇଥିଲା । ୨୦୩୦ ମସିହା ତକ୍ ଦେଶ୍‌କେ ପୁରା ମେଲେରିଆ ମୁକ୍ତ କର୍‌ବାର୍ ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ ।

ଆର୍ଟିଷ୍ଟିକ୍ ଜିମ୍‌ନାଷ୍ଟିକ୍ ଚାମ୍ପିଅନ୍‌ସିପ        ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍‌ଠାନୁ ଜୁନିଅର୍ ଆଉ ସିନିଅର୍ ଆର୍ଟିଷ୍ଟିକ୍ ଜିମ୍‌ନାଷ୍ଟିକ୍ ଚାମ୍ପିଅନ୍‌ସିପ୍ ମୁଲ୍ ହେବା । ଓଡ଼ିଶା ଜିମ୍‌ନାଷ୍ଟିକ୍ ଏସୋସିଏସନ୍, ଭାରତୀୟ ଜିମ୍‌ନାଷ୍ଟିକ୍ ଫେଡ଼େରେସନ୍ ଆଉ ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ବିଭାଗ୍‌ର ମିଲିତ୍ ସହଯୋଗ୍‌ଥି ହେବାର୍‌କେ ଥିବା ଇ ପ୍ରତିଯୋଗିତା ଆଏବା ୩ ତାରିଖ୍‌ତକ୍ ଚାଲ୍‌ବା । ପ୍ରତିଯୋଗିତାଥି ୨୫ ଟା ରାଜ୍ୟ, ୩ ଟା

କେନ୍ଦ୍ରଶାସିତ୍ ଅଂଚଲ୍ ଆଉ ସର୍ଭିସ୍ ବୋର୍ଡ଼ର ୬ ଶହ ନୁ ଅଏତ୍କା ପ୍ରତିଯୋଗୀ ଭାଗ୍ ନେବେ । ଇ ଜାତୀୟ ପ୍ରତିଯୋଗିତା ଆଧାର୍ଥି ଆଏବା ଏସିଆନ୍ ଗେମ୍ସ, କମନ୍ୱେଲ୍ଥ ଗେମ୍ସ ଆଉ ଏସିଆନ୍ ଚମ୍ପିଅନ୍ସିପ୍ ଲାଗି ଖେଲାଲି ବଛାଯିବା ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଦିନୁଦିନ୍କେ ଖରା ବଢୁଛେ । ଆଏବା ୨୪ ଘଂଟା ଭିତ୍ରେ ଜବର୍ ଗରମ୍ ଆଉ ଗୁଲ୍ଗୁଲି ଲାଗି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ୧୩ ଟା ଜିଲ୍ଲାକେ ସତର୍କ ସୂଚ୍ନା ଜାରି କରାଯାଇଛେ । ରାଜ୍ୟର୍ ୧୭ ଟା ସହରର୍ ତାପମାତ୍ରା ଗଲାକାଏଲ୍ ୪୦ ଡିଗ୍ରୀ ଉପ୍ରେ ରହିଥିଲା ।
ଆଏବାକାଏଲ୍ତକ୍ ରାଜ୍ୟର୍ ଜିଲ୍ଲାମାନ୍କୁ ଦିନର୍ ତାପମାତ୍ରାଥି ଖାସ୍ ପରିବର୍ତନ୍ର ସମ୍ଭାବନା ନାଇଁନ । ଆଗ୍କେ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ କମ୍ବା । ସେଆଡ଼େ ଆଏବା ୨୪ ଘଂଟା ଭିତ୍ରେ ଘଡ଼୍ଘଡ଼ି ସହେତେ ବର୍ଷା ହେଇପାରେ ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ୭ ଟା ଜିଲ୍ଲାକେ ସତର୍କ ସୂଚ୍ନା ଜାରି କରାଯାଇଛେ ।